NATIONAL DAIRY PLAN
MISSION MILK
THE NEXT REVOLUTION

# ଦେଶୀ ଗାଈ ବି କ୍ଷୀର ଦିଏ



୧. ଦେଶୀ ଗାଈକୁ ଘରେ ବାନ୍ଧି ରଖନ୍ତୁ ।

୨. ଦେଶୀ ଗାଈକୁ ପ୍ରଜନନ କରି ସଙ୍କରଜାତୀୟ ମାଈ ବାଛୁରୀ ପାଆନ୍ତୁ ।

୩. ନିୟମିତ କୃମି ଔଷଧ ଓ ପ୍ରତିଶେଧକ ଟୀକା ଦିଅନ୍ତୁ ।

୪. ଓମଫେଡ୍ ସନ୍ତୁଳିତ ଗୋଖାଦ୍ୟ, ଖଣିଜ ଲବଣ ଓ କଞ୍ଚା ଘାସ କାଟି ଖାଇବାକୁ ଦିଅନ୍ତୁ ।

୫. ନିକଟସ୍ଥ ଦୁଗ୍ଧ ସମିତିରେ ସଭ୍ୟ/ସଭ୍ୟା ହୁଅନ୍ତୁ ଓ ବଳକା କ୍ଷୀର ସମିତିକୁ ଦିଅନ୍ତୁ ।

୬. ସରକାରଙ୍କ ଦ୍ୱାରା ପ୍ରଦତ୍ତ ବାଛୁରୀ ଦାନା ଅଧା ମୂଲ୍ୟରେ ସମିତିରୁ ଆଣି ୨ ବର୍ଷ ପର୍ଯ୍ୟନ୍ତ ବାଛୁରୀକୁ ଖୁଆନ୍ତୁ ।

୭. ଉକ୍ତ ବାଛୁରୀ ଏକ ପୂର୍ଣ୍ଣାଙ୍ଗ ସଙ୍କର ଜାତୀ ଗାଈ ହେବା ସଙ୍ଗେ ସଙ୍ଗେ ଚାଷୀ ଅଧିକ ଦୁଗ୍ଧ ଉତ୍ପାଦନ କରିପାରିବ ।

୮. ଉପରୋକ୍ତ ସୁବିଧା ସୁଯୋଗ ପାଇଁ ବର୍ତ୍ତମାନ ମଧ ଦେଶୀ ଗାଈଟିଏ କିଣି ଗୋପାଳନ ଆରମ୍ଭ କରିପାରିବେ ।

## ସନ୍ଧ୍ୟାକାଳୀନ ଦୁଗ୍ଧ ଯୋଗାଣ ସମ୍ପର୍କରେ ସଚେତନତା

ସମ୍ବଲପୁର ଦୁଗ୍ଧ ସଂଘ ଅନ୍ତର୍ଭୁକ୍ତ ନିର୍ଦ୍ଦିଷ୍ଟ କେତେକ ଦୁଗ୍ଧ ମାର୍ଗରେ ଥିବା ସମିତିମାନଙ୍କରେ ନିୟମ ମୁତାବକ ଦୁଇ ଓଳି ଦୁଗ୍ଧ ସଂଗ୍ରହ ହେଉ ନାହିଁ । ଏଥି ପାଇଁ ସଂଘର ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ଓ ସଭା ସମିତିମାନଙ୍କରେ ବାରମ୍ବାର ଆଲୋଚନା କରାଗଲେ ମଧ ସଭ୍ୟ/ସଭ୍ୟାମାନେ ସଚେତନ ହେଉ ନାହାନ୍ତି । ସେମାନଙ୍କ ମନ ଭିତରେ ଥିବା ଭ୍ରାନ୍ତ ଧାରଣାଗୁଡ଼ିକ ଯଥା - ଗାଈମାନେ ଦୁଇ ଓଳି କ୍ଷୀର ଦିଅନ୍ତି ନାହିଁ, ଦୁହିଁଲେ କ୍ଷୀର ବାହାରେ ନାହିଁ ଆଦି ବିଶ୍ୱାସଗୁଡ଼ିକ ସମ୍ପୂର୍ଣ୍ଣ ଅମୂଳକ । ଦୁଧିଆଳୀ ଗାଈମାନଙ୍କୁ ଯଥେଷ୍ଟ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କଲେ, ସେମାନେ ଦୈନିକ ୨ ଥର (ସକାଳ ଓ ସନ୍ଧ୍ୟା) କ୍ଷୀର ଉତ୍ପାଦନ କରିଥାନ୍ତି । ପରିମାଣ ଦୃଷ୍ଟିରୁ ହୁଏ ତ ଟିକିଏ କମ୍ ବେଶୀ ହୋଇପାରେ କିନ୍ତୁ ଆଦୌ କ୍ଷୀର ଦିଏ ନାହିଁ ବୋଲି ଭାବିବା ସମ୍ପୂର୍ଣ୍ଣ ଭୁଲ ।

ଏଥି ପାଇଁ ସଭ୍ୟ/ସଭ୍ୟାମାନେ ଦୁଧିଆଳୀ ଗାଈମାନଙ୍କୁ ନିମ୍ନରେ ଉଲ୍ଲେଖ ଥିବା ସୂଚନା ଅନୁସାରେ ଯତ୍ନ କଲେ ଦୁଗ୍ଧ ଉତ୍ପାଦନ ଦୈନିକ ୨ ଥର ହୋଇପାରିବ ।

୧. ସଙ୍କର କିସମର ଦୁଧିଆଳୀ ଗାଈ (ହାରାହାରି ୩୦୦ କେ.ଜି. ଓଜନ ବିଶିଷ୍ଟ)ମାନଙ୍କୁ ଦୈନିକ ଓମଫେଡ୍ ଦାନା, ଉପଚାରିତ ନଡା, ସବୁଜ ଘାସ ଓ ଖଣିଜ ଲବଣ ଗୋଳେଇ ଅତି କମରେ ୨ ଥର ଖାଇବାକୁ ଦିଅନ୍ତୁ ।

୨. ଗାଈମାନଙ୍କୁ ଘରେ ବାନ୍ଧି ଖାଦ୍ୟ ବ୍ୟବସ୍ଥା କରିବା ଉଚିତ୍ ନତୁବା ଦୁଧିଆଳୀ ଗାଈମାନଙ୍କୁ ପଡିଆକୁ ଚରିବାକୁ ଛାଡ଼ିଲେ କ୍ଷୀର ଖାଉଥିବା ବାଛୁରୀ ସାଙ୍ଗରେ ଛାଡ଼ନ୍ତୁ ନାହିଁ ।

୩. ସଙ୍କର ଜାତୀୟ ଗାଈମାନଙ୍କୁ ଦୈନିକ ୬୦-୭୦ ଲିଟର ସ୍ୱଚ୍ଛ ପାଣି ପରିଷ୍କାର କୁଣ୍ଡରେ ପିଇବାକୁ ଦିଅନ୍ତୁ ।

୪. ସଙ୍କର ଜାତୀୟ ଦୁଧିଆଳୀ ଗାଈମାନଙ୍କୁ ଦୁଇ ଓଳି କ୍ଷୀର ନ ଦୁହିଁଲେ ଗାଈମାନେ ସ୍ତନହରା ରୋଗରେ ଆକ୍ରାନ୍ତ ହେବା ସମ୍ଭାବନା ଅଧିକ ହୋଇଥାଏ ।

ଏଣୁ ଯେଉଁ ସମିତିମାନଙ୍କରେ ସାନ୍ଧ୍ୟକାଳୀନ ଦୁଗ୍ଧ ସଂଗ୍ରହ ହେଉ ନାହିଁ ସେଠାକାର ସମ୍ପାଦିକା ଓ ଦୁଗ୍ଧ ମାର୍ଗ ପରିଦର୍ଶକ, ଅତି ଶୀଘ୍ର ଉକ୍ତ ସମିତିର ସଭ୍ୟ/ସଭ୍ୟାମାନଙ୍କୁ ସଚେତନ କରି ସାନ୍ଧ୍ୟକାଳୀନ ଦୁଗ୍ଧ ସଂଗ୍ରହ ପାଇଁ ଯତ୍ନବାନ ହେବେ ।

omfed

ସୌଜନ୍ୟ :

**ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ, ସମ୍ବଲପୁର**

SAMUL